## ଦୁର୍ଘଟଣାରେ ଯୁବକ ଗୁରୁତର

ବାହାନଗା, (ଡି.ଏନ.ଏ.): ବାହାନଗା -ଗୋପାଳପୁର ମୁଖ୍ୟ ରାସ୍ତାର ଷଠୀଠାରେ ସୋମବାର ଏକ ଅଟୋ ଓ ମୋଟରସାଇକେଲ ମଧ୍ୟରେ ଧକ୍କା ହୋଇ ଘଟଣାସ୍ଥଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ସମ୍ବିତ୍ ସାଗର ମହାନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟ ନେଇଯାଇଥିଲେ। ପୋଲିସ ପହଞ୍ଚି ଅଟୋକୁ ଜବତ କରିଛି।

## ଆଜି କ'ଣ କେଉଁଠି

କେନ୍ଦୁଝର

- ଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ପିଏଚ୍‌ଡି ରୋଡ୍, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଘଟିକା
- ଗୀତ ଗୋବିନ୍ଦ ଗାୟନ। ସ୍ଥାନ: ଟାଉନ ହଲ, ବଡ଼ବିଲ, ସମୟ: ସନ୍ଧ୍ୟା: ୭ ଘଟିକା

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଖୁଣ୍ଟା/କୁଆମରା,୨।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ସେହି ଗ୍ରାମର ଜଣେ ନାବାଳକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୦୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନାବାଳକଙ୍କୁ ବାରିପଦାସ୍ଥିତ ସୁଧାର ଗୃହକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତା ମହିଳା ତାଙ୍କ ସ୍ୱାମୀଙ୍କ ସହିତ ଭୁବନେଶ୍ୱରର ସ୍ଥିତ ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। ସେମାନଙ୍କ ଗାଁର ଜଣେ ୧୭ ବର୍ଷର ନାବାଳକ ମଧ ଉକ୍ତ ଭାଟିରେ କାର୍ଯ୍ୟ କରୁଥିଲେ। ତେବେ ଗତ ୨୩ ତାରିଖ ମଧ ରାତ୍ରିରେ ନାବାଳକ ଜଣକ ସମ୍ପୃକ୍ତ ମହିଳାଙ୍କୁ ଶୋଇଥିବା ସ୍ଥାନରୁ ବଳପୂର୍ବକ ଟେକି ନେଇ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ସମସ୍ତେ ଗାଁକୁ ଫେରି ଆସିଥିଲେ। ଆପୋଷ ସମାଧାନ ଲାଗି ଗ୍ରାମରେ ବୈଠକ ବସିଥିଲା। ମାତ୍ର କୌଣସି ସମାଧାନ ନ ହେବାରୁ ମହିଳା ଜଣକ ୩୦ ତାରିଖରେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରାଇ ତଦନ୍ତ ଜାରି ରଖିଛି।

## କାଳବୈଶାଖୀରେ ଉଡ଼ିଲା ଆଜ୍‌ବେଷ୍ଟସ

ପାଟଣା,୨।୫(ସ୍ୱ.ପ୍ର.): କାଳବୈଶାଖୀ ପ୍ରଭାବରେ ରବିବାର ରାତିରେ କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଘଡ଼ଘଡି ବର୍ଷା ସାଙ୍ଗକୁ ଜୋର ପବନ ହୋଇଥିଲା। ବର୍ଷା ପବନ ଯୋଗୁ ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତ ତେନ୍ତେଲା ଗ୍ରାମର ରଙ୍କିଆ ନାଏକଙ୍କ ୩ ବଖରା ଘରର ଆଜବେଷ୍ଟସ ଛପର ଉଡି ଯାଇଥିବା ବେଳେ ଘର ଭିତରେ ଥିବା ପରିବାରର ୫ ଜଣ ସଦସ୍ୟ ଅଳ୍ପକେ ଆସନ୍ନ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ରଙ୍କିଆ ଜଣେ ଗରିବ ଶ୍ରେଣୀ ହୋଇଥିବାରୁ ତାଙ୍କୁ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ଗ୍ରାମବସୀ ଦାବି କରିଛନ୍ତି।

## ୨ ବଖରା ଜଳିଗଲା

ବାହାନଗା, ୨।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ମହାରୁଦ୍ରପୁର ଗ୍ରାମର ଗତ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ବଖରା ପାଉଁଶ ହୋଇଯାଇଛି। ଗ୍ରାମର ନିରଞ୍ଜନ ପ୍ରଧାନଙ୍କ ସମସ୍ତ ପରିବାର ରାତିରେ ଖାଇସାରି ଶୋଇ ଥିବା ବେଳେ ତାଙ୍କର ନଡାଛପର ଘର ହଠାତ୍ ଜଳି ଉଠିଥିଲା। ପଡୋଶୀମାନେ ପରିବାର ଲୋକଙ୍କୁ ଡାକିବା ସହିତ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଲୋକେ ଷଠୀସ୍ଥିତ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଗ୍ୟାରେଜ୍ ଭିତରକୁ ମାଡ଼ିଗଲା ଟ୍ରକ୍

ପାଟଣା,୨।୫(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ନିହୁଆ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ନିହୁଆଁ ଛକ ନିକଟରେ ଥିବା ଏକ ଗ୍ୟାରେଜ ଭିତରକୁ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ପଶିଯିବା ଫଳରେ ଗାଡ଼ି ଚାଳକ ଦୀର୍ଘ ସମୟ ଧରି ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକେ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଡ୍ରାଇଭର ଜଣଙ୍କ କେନ୍ଦୁଝର ଜିଲା ପାଟଣା ବ୍ଲକ ରେଙ୍ଗାଳବେଡା ଗାଁର ବିଜୟ ମହାନ୍ତ ବୋଲି ଜଣାପଡିଛି। ଟ୍ରକ୍‌ଟି ଯଶିପୁରରୁ କେନ୍ଦୁଝର ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି।

## ବଦଳିଲେ କନିଷ୍ଠଯନ୍ତ୍ରୀ, ଜିପିଟିଏ

ବାରିପଦା ଅଫିସ,୨।୫: ମୟୂରଭଞ୍ଜ ଜିଲାର ୨୬ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଓ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ(ଜିପିଟିଏ)ଙ୍କୁ ଅଦଳବଦଳ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ପି.ଅନ୍ୱେଷା ରେଡ୍ଡିଙ୍କ ପତ୍ର ସଂଖ୍ୟା ୨୯୪୨ ଓ ୨୯୪୩ରେ ପୃଥକ ଆଦେଶ ବଳରେ ସୋମବାର ଏହି ବଦଳି ଆଦେଶ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚାୟତ ନିର୍ବାଚନ ପରେ କେତେକ ନବ ନିର୍ବାଚିତ ଲୋକ ପ୍ରତିନିଧି କନିଷ୍ଠଯନ୍ତ୍ରୀ ଓ ଜିପିଟିଏଙ୍କ କାର୍ଯ୍ୟକଳାପକୁ ନେଇ ଅଭିଯୋଗ ଆଣିଥିଲେ। ଫଳରେ ୪୦ଜଣ କନିଷ୍ଠଯନ୍ତ୍ରୀ ଓ ୩୯ଜଣ ଜିପିଟିଏଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି।

# ଜନବସତି ନିକଟରେ ବେଆଇନ ଇଟାଭାଟି

- ସରକାରୀ ନିୟମ ମାନୁନାହାନ୍ତି ମାଲିକ
- ଉତ୍ତାପରେ ଲୋକେ ଅତିଷ୍ଠ

ଧାମନଗର, ୨।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ଇଟାଭାଟି ଗଢ଼ିଉଠିଛି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏଭଳି ସ୍ଥିତିରେ ଜନବସତି ନିକଟରେ ଗଢ଼ି ଉଠିଥିବା ଇଟାଭାଟି ଉତ୍ତାପରେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଅନ୍ୟପଟେ ସରକାରଙ୍କ ଅନୁମତି ନ ନେଇ ଇଟାଭାଟି ଚାଲୁଥିବା ବେଳେ ବହୁ ପରିମାଣର ରାଜସ୍ୱ ହରାଇବା ସହ ପରିବେଶ ନଷ୍ଟ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଧାମନଗର ତହସିଲ ଅଧୀନ ରାଧାବଲ୍ଲଭପୁର, ମୁସ୍ତଫାପୁର, ଦୋବଲ, ଖଡ଼ିପଦା, ସୋହଡ଼ା, ପଧାନୀ ଓ ଆନନ୍ଦପୁର ପଞ୍ଚାୟତର ଅନେକ ସ୍ଥାନରେ ଇଟା ପଡୁଛି। ଆନନ୍ଦପୁର ପଞ୍ଚାୟତର କାଶିଆ ଛକ, ବୁଢ଼ା ମହାଦେବପାଖ, ସଠଗାଁ ଆଦି ଅଞ୍ଚଳରେ ଇଟାଭାଟି ମାଲିକମାନେ ବେପରୁଆ ହୋଇ ଇଟା ପକାଉଛନ୍ତି। ସେହିପରି କାଞ୍ଜିଆପାଳ, ଶୁକଦେବ ହୋସେନ, ମୁସ୍ତଫାପୁର ପଞ୍ଚାୟତ ସ୍ଥିତ ଗେଙ୍ଗୁଟି ନଦୀ କୂଳରେ ଇଟା ପଡୁଛି। କାଞ୍ଜିଆପାଳ ଶୁକଦେବପୁରଠାରେ ମାହାରାକୁ ଲାଗି ଖାଲ ଜମିରୁ ମାଟି ଉଠାଇ ଇଟା



ଦୋବଲ ଅଞ୍ଚଳରେ ଏକ ଇଟାଭାଟି।

ପକାଯାଉଥିବାରୁ ସମଗ୍ର ଅଞ୍ଚଳ ଗଢ଼ିଆ ହୋଇଗଲାଣି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୧୩ ଜୁନ୍ ୨୪ରେ ଜାରି କରାଯାଇଥିବା କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ ନିୟମାବଳୀ ଅନୁସାରେ ଜନବସତିଠାରୁ ଦେଢ଼ କି.ମି. ଭିତରେ ଇଟାଭାଟି କରାଯିବ ନାହିଁ। ଇଟାଭାଟି ପାଇଁ ୨ ମିଟରରୁ ଅଧିକ ଗଭୀରର ମାଟି ଖୋଳାଯିବ ନାହିଁ। ଏସବୁ ବ୍ୟତୀତ ଇଟା ପକାଇବା ଲାଗି ରାଜ୍ୟ ପରିବେଶ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗଠାରୁ ଏନ୍‌ଓସି ଆଣିବାକୁ ହେବ। ଠିକ୍ ସେମିତି ରାଜ୍ୟ ସରକାରଙ୍କ ପରିବେଶ ଆଇନ ଅନୁସାରେ ଚାଷଜମିରେ ଇଟା ପକାଯାଇପାରିବ ନାହିଁ। ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ନିକଟରେ ଇଟା ପଡ଼ିପାରିବ ନାହିଁ। ଇଟାଭାଟିରୁ ଆଉ ଗୋଟିଏ ଇଟାଭାଟି ମଧ୍ୟରେ ଅତିକମ୍‌ରେ ୧ କିଲୋମିଟର ଦୂରତା ରହିବା କଥା। ହେଲେ ଏ ସମସ୍ତ ନିୟମକୁ ଉଲ୍ଲଂଘନ କରାଯାଇ ଇଟା ପକାଯାଉଛି। ଧାମନଗର ତହସିଲ କି ପରିବେଶ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ତହସିଲଦାର କ୍ଷୀରୋଦ ପଣ୍ଡା କହିଛନ୍ତି, ଯେଉଁଠି ଇଟା ପଡୁଛି, ଖବର ମିଳିବା କ୍ଷଣି ଚଢ଼ାଉ କରାଯିବା ସହ ଫାଇନ ଆଦାୟ ହେଉଛି। ବେଆଇନ ଇଟାଭାଟି ବନ୍ଦ କରିବାକୁ ପ୍ରୟାସ କରାଯାଉଛି।

## ୬୫ ଝାଡ଼ଖଣ୍ଡୀ ହାତୀଙ୍କୁ ଘଉଡ଼ାଇଲା ବନବିଭାଗ

ମୋରଡ଼ା,୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ବର୍ଷତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ସୋମବାର ବନବିଭାଗ କର୍ମଚାରୀ ୬୫ ଝାଡ଼ଖଣ୍ଡୀ ହାତୀଙ୍କୁ ଘଉଡ଼ାଇ ଦେଇଛନ୍ତି। ରାସଗୋବିନ୍ଦପୁର ସହକାରୀ ରେଞ୍ଜର ପ୍ରଶାନ୍ତ ବେହେରାଙ୍କ ସୂଚନା ଅନୁଯାୟୀ, ମୋଟ ୭୧ଟି ହାତୀ ରବିବାର ରାତିରେ ଏହି ବ୍ଲକ ଅଞ୍ଚଳରେ ପ୍ରବେଶ କରିଥିଲେ। ସେଥିମଧ୍ୟରୁ ୬ ହାତୀ ବେତନଟୀ ରେଞ୍ଜର ଭାଲୁକଚୁଆ-ଅସ୍ତିଆର ଏକ ରବର ପ୍ଲାଣ୍ଟରେ ରହିଛନ୍ତି। ଅନ୍ୟ ୬୫ ହାତୀଙ୍କୁ ବନ କର୍ମଚାରୀ ଭାଲୁକଚୁଆ ଜଙ୍ଗଲରୁ ଘଉଡ଼ାଇ ଅସ୍ତିଆ ଓ ପରେ ବାଘାଝରଣ, ଭାଲୁଘେରା ଜଙ୍ଗଲ ଦେଇ ପଶ୍ଚିମବଙ୍ଗ ସୀମାନ୍ତରେ ଛାଡ଼ିଛନ୍ତି। ସେହିପରି ବେତନଟୀ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ୬ ହାତୀ ରବର ପ୍ଲାଣ୍ଟରେ ଅଛନ୍ତି ଏବଂ ସେମାନଙ୍କୁ ପଶ୍ଚିମବଙ୍ଗ ଅଭିମୁଖେ ଘଉଡ଼ାଇ ଦିଆଯିବ ବୋଲି କହିଛନ୍ତି।

## ସମୁଦ୍ରରେ ଛଡ଼ାଗଲା ୧୨୮ ଅଲିଭରିଡ୍‌ଲେ ଛୁଆ



ଅଲିଭରିଡଲେ ଛୁଆଙ୍କୁ ସମୁଦ୍ରରେ ଛଡାଯାଉଛି।

ଲଙ୍ଗଳେଶ୍ୱର, ୨।୫(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଚୌମୁଖ ବେଳାଭୂମିକୁ ଗତ କିଛିବର୍ଷ ହେଲା ବିଭିନ୍ନ ପ୍ରଜାତିର ଅଲିଭ ରିଡ଼ଲେ ଅଣ୍ଡାଦାନ ପାଇଁ ଉପଯୁକ୍ତ ସ୍ଥାନ ଭାବେ ବାଛିଛନ୍ତି। ରବିବାର ତୃତୀୟଥର ପାଇଁ ବନବିଭାଗ ପକ୍ଷରୁ ଅସ୍ଥାୟୀ ହେଚେରୀରେ ସଂରକ୍ଷିତ ରଖାଯାଇଥିବା ୧୩୫ ଅଣ୍ଡା ମଧ୍ୟରୁ ଜନ୍ମିତ ୧୨୮ ଶାବକକୁ ସମୁଦ୍ରକୁ ଛଡ଼ାଯାଇଛି।

ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ନିର୍ଦ୍ଦେଶରେ ଚୌମୁଖ ଫରେଷ୍ଟଗାର୍ଡ଼ ହୃଷିକେଶ ପ୍ରଧାନ, ସହଯୋଗୀ ଦୁର୍ଜୟ କୁମାର କରଣ, ଉତ୍ତମ କୁମାର ଖଟୁଆ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଏବଂ ସରପଞ୍ଚ ପ୍ରତିନିଧି ବେଣୁଧର ରଣଜିତଙ୍କ ଉପସ୍ଥିତିରେ ଏହି ଶାବକଗୁଡ଼ିକୁ ସମୁଦ୍ର ଭିତରକୁ ଛଡ଼ାଯାଇଥିଲା। ସେହିପରି ଦୁଇଟି ପର୍ଯ୍ୟାୟରେ ପ୍ରଜନନ ପାଇଁ ଅଣ୍ଡା ରଖାଯାଇଥିବା ଫରେଷ୍ଟଗାର୍ଡ଼ ହୃଷିକେଶ ପ୍ରଧାନ କହିଛନ୍ତି। ତେବେ ଏତେସଂଖ୍ୟାରେ କଇଁଛ ଏଠାକୁ ଅଣ୍ଡା ଦେବାକୁ ଆସୁଥିବା ବେଳେ ବନବିଭାଗ ପକ୍ଷରୁ ସେମିତି କିଛି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନ ଯିବା କାରଣରୁ କିଛି ଶିକାରୀ ଏହି କଇଁଛମାନଙ୍କୁ ଶିକାର କରି ଖାଇଯାଉଥିବା ଏବଂ ପ୍ରସ୍ତାବିତ ବନ୍ଦର ପାଇଁ ସମୁଦ୍ରରେ ସର୍ଭେ କାର୍ଯ୍ୟରେ ନିୟୋଜିତ ଯନ୍ତ୍ରଚାଳିତ ଇଞ୍ଜିନ ବୁଲିବା ଯୋଗୁ କିଛି କଇଁଛଙ୍କ ମୃତ୍ୟୁ ଘଟୁଛି। ବନବିଭାଗ ପକ୍ଷରୁ ଏହି କଇଁଛମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ଉକ୍ତ ଅଞ୍ଚଳକୁ ଅଲିଭ ରିଡ଼ଲେଙ୍କ ଅଣ୍ଡାଦାନ ସ୍ଥାନ ଭାବେ ଘୋଷାଣା କରାଯାଇ ନିଷେଧାଞ୍ଚଳ ଘୋଷଣା କରିବାକୁ ସରପଞ୍ଚ ପ୍ରତିନିଧି ବେଣୁଧର ରଣଜିତ୍, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ସମେତ ବହୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ୫୮ ଅଭିଯୋଗ ଶୁଣାଣି

ଭଦ୍ରକ ଅଫିସ,୨।୫

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି, ଏସ୍‌ପି ଚରଣ ସିଂ ମୀନା, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଉପଜିଲାପାଳ ମନୋଜ ପାତ୍ର ଶିବିରରେ ଯୋଗ ଦେଇଥିଲେ। ସମୁଦାୟ ୫୮ ଜନଅଭିଯୋଗର ଶୁଣାଣି କରାଯାଇଛି। ୩୮ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ସମସ୍ୟାଭିତ୍ତିକ ଥିଲା। ସେଥିମଧ୍ୟରୁ ୨ଟିର ତତ୍କାଳ ସମାଧାନ ସହ ଅନ୍ୟ ଗୁଡ଼ିକର ସମାଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଏମ୍‌ଆର୍‌ଏଫ୍‌ରୁ ଗୋଟିଏ ଏବଂ ରେଡ୍‌କ୍ରସରୁ ୨ଟି ଆବେଦନ ଆର୍ଥିକ ସହାୟତା ପ୍ରଦାନ ଲାଗି ଆଗତ ହୋଇଥିଲା। ଜିଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଛତ୍ରପତିଙ୍କ ଅନୁଶାସନ ଯୁବସମାଜ ପାଇଁ ପଥ ପ୍ରଦର୍ଶକ

ବାଲେଶ୍ୱର ଅଫିସ, ୨।୫

ବାଲେଶ୍ୱର ନୂଆବଜାରସ୍ଥିତ ଜିଲା କାର୍ଯ୍ୟାଳୟରେ ଶିବସେନା ପକ୍ଷରୁ ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରମୁଖ ପଦ୍ମଲୋଚନ ପତି ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ଅଜୟ କୁମାର ବିଶ୍ୱାଳ ମୁଖ୍ୟଅତିଥି ଓ ଉତ୍ତରଓଡ଼ିଶା ସମ୍ପର୍କ ପ୍ରମୁଖ ଅକ୍ଷୟ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଛତ୍ରପତି ଶିବାଜୀ ମହାରାଜ ଏକ ଆଦର୍ଶ ରାଜା ଭାବେ ବିଶ୍ୱର ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ଛତ୍ରପତିଙ୍କ ଶାସନ, ଅନୁଶାସନ, ଦର୍ଶନ ଆଦି ଯୁବସମାଜ ପାଇଁ ପଥ ପ୍ରଦର୍ଶକ ବୋଲି କହିଥିଲେ।ସଙ୍ଗଠନ ପକ୍ଷରୁ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ଅନ୍ତେବାସୀମାନଙ୍କୁ ପ୍ରାତଃଭୋଜନ ପ୍ରଦାନ କରାଯିବା ସହ ଦିବସବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା, ଉପପ୍ରମୁଖ ମନୋରଞ୍ଜନ ପରିଡ଼ା, ଅରବିନ୍ଦ ଆଚାର୍ଯ୍ୟ, ରତନ ପାତ୍ର, ଫୁନା ମହାପାତ୍ର, କମଳାକାନ୍ତ ସ, ଗଙ୍ଗାଧର ବିନ୍ଧାଣୀ, ଯୋଗେନ୍ଦ୍ର ଦାସ, ଅବନ୍ତୀ ପରିଡ଼ା, ସୀତାରାଣୀ ଜେନା, ସୁଶାନ୍ତ ସ୍ୱାଇଁ, ମଣ୍ଟୁ ଦାସ, ପଦ୍ମଲୋଚନ ଦତ୍ତ ଓ ସୁରେଶ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଚମ୍ପଟ କଏଦୀଙ୍କୁ ଘରୁ ଧରିଲା ପୋଲିସ

ପଦ୍ମପୁର,୨।୫ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ କୋର୍ଟ ଭ୍ୟାନ୍‌ରୁ ସୋମବାର ଅପରାହ୍ନରେ ଜଣେ ବିଚାରାଧୀନ କଏଦୀ ଚମ୍ପଟ ମାରିଥିଲେ। ପରେ ପୋଲିସ ଉକ୍ତ କଏଦୀଙ୍କୁ ତାଙ୍କ ଘରୁ ଠାବ କରିଛି। ସେ ହେଲେ ଚୁଡ଼ାମଣି-ଆଡ଼ିଆ ଅଞ୍ଚଳର ନିର୍ମଳ ମଳିକ। ଚୁଡ଼ାମଣି ସାମୁଦ୍ରିକ ଥାନାରେ ତାଙ୍କ ନାଁରେ ମାମଲା (ନଂ.୫୪/୨୨) ରହିଥିବା ବେଳେ ସେ ଭଦ୍ରକ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି। ସୂଚନା ଅନୁଯାୟୀ, ସୋମବାର ଉକ୍ତ ଗାଡ଼ିରେ ତାଙ୍କୁ ବାସୁଦେବପୁର ଜେଏମ୍‌ଏଫ୍‌ସିକୁ ଅଣାଯାଇଥିଲା। କୋର୍ଟରେ ତାଙ୍କୁ ହାଜର କରାଯାଇ ଭଦ୍ରକ ଫେରିବା ପାଇଁ ପୋଲିସ ଗାଡ଼ିରେ ବସାଯାଇଥିଲା। ଏହି ସମୟରେ ସେ ପୋଲିସର ଅନ୍ୟମନସ୍କତାର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ପୋଲିସ ଦୀର୍ଘ ସମୟ ଧରି ଖୋଜିବା ପରେ ତାଙ୍କୁ ଧରି ଆଣି ଭଦ୍ରକ ଜେଲକୁ ପଠାଇଛି।

## ବ୍ଲୁ-ଲେକ୍‌ରେ ଯୁବକ ନିଖୋଜ



ବ୍ଲୁ-ଲେକ୍‌ରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଖୋଜାଖୋଜି କରାଯାଉଛି।

ସଜନାଗଡ଼,୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର ବ୍ଲୁ-ଲେକ ପାଲଟିଛି ଡେଥ୍ ଜୋନ। ରବିବାର ଏଥିରେ ଗାଧୋଉଥିବା ବେଳେ ନିଖୋଜ ହୋଇଯାଇଥିବା ଯୁବକଙ୍କୁ ଖୋଜାଖୋଜି କରାଯିବାର ୨୪ଘଣ୍ଟା ପରେ ବି ପତ୍ତା ମିଳୁନି। ପରିବାର ଲୋକଙ୍କ ସହ ଅଗ୍ନିଶମ ଓ ୧୭ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ମିତ୍ରପୁର ଅଞ୍ଚଳରେ ଥିବା ପୁରାତନ ଖାଦାନଗୁଡ଼ିକ ସମୟାନୁକ୍ରମେ ହ୍ରଦର ଭ୍ରମ ସୃଷ୍ଟି କରୁଥିବାରୁ ବହୁ ଦୂରଦୂରାନ୍ତରୁ ଅନେକ ପର୍ଯ୍ୟଟକ ସେଠାକୁ ଆସି ବୁଲାବୁଲି କରିବା ସହ ସେଲ୍ଫି ନେବା ଏବଂ ଫଟୋଗ୍ରାଫି କରିଥାନ୍ତି। କିନ୍ତୁ ଏଠାରେ ହ୍ରଦର ଭ୍ରମ ସୃଷ୍ଟି କରୁଥିବା ବ୍ଲୁ-ଲେକ୍ ଆଶାତୀତ ଗଭୀର ଏବଂ ଏଠାରେ କୌଣସି ନିରାପତ୍ତା ବ୍ୟବସ୍ଥା ନାହିଁ। ରବିବାର ମୟୂରଭଞ୍ଜ ବେତନଟୀ ଅଞ୍ଚଳରୁ ୯ଜଣ ଯୁବକ ଏଠାକୁ ବୁଲାବୁଲି କରିବାକୁ ଆସିଥିଲେ। ପରେ ସେଠାରେ ଗାଧୋଉ ଥିବାବେଳେ ପାଇକପଡ଼ା ଗ୍ରାମର ବିଶ୍ୱଜିତ କବାଟ (୧୯)ଙ୍କ ଗୋଡ଼ ଖସିଯାଇ ସେ ନିଖୋଜ ହୋଇଯାଇଥିଲେ। ରେମୁଣା ଅଗ୍ନିଶମ ବିଭାଗରୁ ୭ଜଣିଆ ଟିମ୍ ଏବଂ ନୀଳଗିରି ପୋଲିସ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ପତ୍ତା ପାଇ ନ ଥିଲେ। ସୋମବାର ୧୭ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ଦ୍ୱାରା ଖୋଜାଖୋଜି ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ପୂର୍ବରୁ ଏହି ବ୍ଲୁ-ଲେକ୍‌ରେ ଜଣେ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ତଥାପି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଠାରେ କୌଣସି ନିରାପତ୍ତା ବ୍ୟବସ୍ଥା କରା ନ ଯିବାରୁ ପୁଣି ଏହି ଘଟଣାର ପୁନରାବୃତ୍ତି ଘଟିଛି।

## 'ଶ୍ରମ ଆଇନରେ ପରିବର୍ତ୍ତନ ଆବଶ୍ୟକ'

ଭଦ୍ରକ ଅଫିସ/ଧାମନଗର, ୨।୫ (ଡି.ଏନ.ଏ.)

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ଶ୍ରମ ବିଭାଗ ପକ୍ଷରୁ ଶହୀଦ ସ୍ମୃତି ଭବନରେ ଜିଲାସ୍ତରୀୟ ଶ୍ରମିକ ଦିବସ ପାଳନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ଶ୍ରମ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ କୁଶଳ ନାଥ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରମିକଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର




ଶ୍ରମିକ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ଶ୍ରମ ଆଇନରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୩୬୭ ଶ୍ରମିକଙ୍କୁ ଅତିଥିଙ୍କ ଦ୍ୱାରା ଶ୍ରମ ବିଭାଗ ପକ୍ଷରୁ ୧ କୋଟି ୫୧ ଲକ୍ଷ ୯୭ ହଜାର ୬୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତରେ ସିଟୁ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଦାମୋଦର ଯେନାଙ୍କ ଅଧ୍ୟକ୍ଷତାରେ ବ୍ଲକ ସଂଯୋଜକ ଗୟାଧର ସାହୁ ପତାକା ଉତ୍ତୋଳନ କରିଥିଲେ। ଜାନକୀ ଜେନା, ନୃସିଂହ ସ୍ୱାଇଁ, ବାମନ ଚନ୍ଦ୍ର ପାତ୍ର, ରମାକାନ୍ତ ସାହୁ, ବୈଷ୍ଣବ ସେଠୀ, ମାନସୀ ଦାସ, ସୁନିତା ଦାସ, ପଦ୍ମାବତୀ ଦାସ, ରଞ୍ଜିତା ଯେନା, ତୁଳସୀ ଜେନା ପ୍ରମୁଖ ଯୋଗଦେଇଥିଲେ।

## ସମସ୍ୟା ଶୁଣାଇବାକୁ ଆସି ଥାନାରେ ଅଟକ

କେନ୍ଦୁଝର, ୨।୫ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଡିମିରିମୁଣ୍ଡା ଗ୍ରାମର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଥିବାରୁ ପିଲା ମାନଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ଜିଲାପାଳଙ୍କୁ ଏହାର ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀଙ୍କୁ ସୋମବାର ଦୀର୍ଘସମୟ ଥାନାରେ ଅଟକ ରହିବାକୁ ପଡିଛି। ଶିକ୍ଷା ବ୍ୟବସ୍ଥା ସୁଧୁରିଲେ ପିଲା ମାନେ ପାଠ ପଢିବେ ଏବଂ ଭଲ ମଣିଷ ହେବେ। ଏହି ଆଶା ରଖିଥିଲେ ସ୍ଥାନୀୟ ଆଦିବାସୀ ପରିବାର। କିନ୍ତୁ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ ଅଛନ୍ତି । ପାଠ ପଢା ସମସ୍ୟା ସୃଷ୍ଟି ହେଉଥିବାରୁ ଆଉ ନାମ ଲେଖା ହେଉନାହିଁ। ଫଳରେ ସରଳ କୋମଳମତି ଶିଶୁ ମାନେ ପାଠ ପଢିବା ପାଇଁ ଆଗ୍ରହ ଥିଲେ ହେଁ ଶିକ୍ଷା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲର ସମସ୍ୟାକୁ ନେଇ ଶିକ୍ଷା ବିଭାଗକୁ ଜଣାଇ ବିଫଳ ହେବା ପରେ ସୋମବାର ସ୍ଥାନୀୟ ଲୋକ ତଥା ସ୍କୁଲ କମିଟିର ପ୍ରତିନିଧିମାନେ ପିଲାମାନଙ୍କ ସହିତ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ତାଙ୍କୁ ସହାୟତା କରିବା ପାଇଁ ସଦର ବ୍ଲକ ଉପାଧ୍ୟକ୍ଷ ମଧ ଯାଇଥିଲେ। ତେବେ ତାଙ୍କ ଗୁହାରୀ ଶୁଣିବା ବଦଳରେ ଟାଉନ ପୋଲିସ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପିଲାମାନଙ୍କୁ ବସାଇ ଗ୍ରାମବାସୀ ତଥା ଉପାଧ୍ୟକ୍ଷଙ୍କୁ ଉଠାଇନେଇ ଥାନାକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଛୋଟ ପିଲାମାନଙ୍କୁ ସ୍କୁଲ ସମୟରେ କାହିଁକି ପ୍ରବଳ ଖରାରେ ଅଣାଯାଇଥିଲା। ସେନେଇ ଏଭଳି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି। ସ୍କୁଲ ଛୁଟି ପରେ ନିଜ ଇଛାରେ ଅଭିଯୋଗ ଶୁଣାଇବାକୁ ଆସିଥିବା ଗ୍ରାମବାସୀ କହିଛନ୍ତି। ଗାଁ ଲୋକଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିବାରୁ ବହୁ ଲୋକ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଏସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରମୋଦିନି ସାହୁଙ୍କୁ ପଚାରିବାରୁ ଶିଶୁ ମାନଙ୍କୁ ତାଙ୍କ ଘରେ ସୁରକ୍ଷିତ ଛାଡିଦିଆଯାଇଥଲା। ପରେ ଅନ୍ୟମାନଙ୍କୁ ଅଣ୍ଡରଟେକିଂ ଲେଖି ଛାଡିଦିଆଯାଇଥିବା ସେ କହିଛନ୍ତି।

## ଋଣ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

### ଜିଲାପାଳଙ୍କଠାରେ ଅଭିଯୋଗ

ବାଲେଶ୍ୱର ଅଫିସ,୨।୫

ସୋସାଇଟିରୁ ଋଣ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରାଯାଇଥିବା ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତ ଜାମୁଡ଼ି ଗାଁର ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ସେମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସଜନାଗଡ଼ ଲ୍ୟାମ୍ପ ସହଯୋଗରେ ନୀଳଗିରି ସୋସାଇଟିରୁ ୫ହଜାର ଟଙ୍କା ଲେଖାଏଁ କୃଷି ଋଣ କରାଇଦେବା ନାଁ କହି ଜଣେ ମହିଳା ଜାମୁଡ଼ି ଗାଁର ପାଖପାଖି ୪୦ଜଣ ମହିଳାଙ୍କଠାରୁ ରାଶନକାର୍ଡ଼, ଆଧାରକାର୍ଡ଼ର ଜେରକ୍ସ କପି, ଦୁଇଟି ଫଟୋ ନେବା ସହ ଫର୍ମରେ ଟିପ ନେଇଥିଲେ। ଏହାର କିଛିଦିନ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଠକେଇର ଶିକାର ହୋଇଥିବା ଲୋକେ।

ପରେ ମହିଳାମାନେ କେବେ ଋଣ ମିଳିବ ବୋଲି ଉକ୍ତ ମହିଳାଙ୍କୁ ପଚାରିଥିଲେ ବି ସେମାନଙ୍କୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ତେବେ ଘଟଣାର ୭ମାସ ପରେ ସୋସାଇଟିରୁ ଋଣ ପରିଶୋଧ ଲାଗି ନୋଟିସ୍ ମିଳିବା ପରେ ପୁରା ଘଟଣା ସାମ୍ନାକୁ ଆସିଥିଲା। ଏନେଇ ମହିଳାମାନେ ନୀଳଗିରି ସୋସାଇଟିକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। ଋଣ କରି ନ ଥିବାବେଳେ କିଏ ସେମାନଙ୍କ ନାଁରେ ଋଣ ଟଙ୍କା ଉଠାଇ ନେଇଥିବା ସେମାନେ ଜାଣିବାକୁ ପାଇଥିଲେ। ଚଞ୍ଚକତା କରି ମୁଣ୍ଡ ପିଛା ୪୦ରୁ ୫୦ହଜାର ଟଙ୍କା ଋଣ କରାଯାଇଥିବା ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳା ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରିବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ଜଳିଗଲା ୩ ବଖରା

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ବନ୍ତ ତହସିଲ ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ପଞ୍ଚାୟତର ବେଲେଶ୍ୱରପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସୁବାସ ପାତ୍ରଙ୍କ ୩ ବଖରା ଘର ଜଳିଯାଇଛି। ଆଗରପଡ଼ାରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଆନୁମାନିକ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଘଟିଥିବା କୁହାଯାଉଛି। ସୋମବାର ପୂର୍ବାହ୍ନରେ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଯୁବନେତା ସପନ ସିଂହ, ଦୀପକ ମହାନ୍ତି ପ୍ରମୁଖ ଅଗ୍ନିବିପନ୍ନଙ୍କୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

# ତହସିଲଦାରଙ୍କ ନାଁରେ ମାମଲା, ଲିଜ୍‌ଧାରୀ ଗିରଫ

- ଆରପଟା, ଡିଙ୍ଗିରା ସଇରାତରୁ ବେଆଇନ ବାଲି ଉତ୍ତୋଳନ ଘଟଣା
- ୧୪୪ ଧାରା ଜାରି କଲା ପ୍ରଶାସନ

**ବାରିପଦା ଅଫିସ,୨।୫**

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ଆରପଟା ଓ ଡିଙ୍ଗିରା ବାଲି ସଇରାତରୁ ବେଆଇନ ବାଲି ଉତ୍ତୋଳନ ଘଟଣା ଭିନ୍ନମୋଡ଼ ନେଇଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏନେଇ ମାମଲା ଚାଲିଥିବା ବେଳେ ବାରିପଦା ସଦର ଉପଜିଲାପାଳ ଅନ୍ୟା ଦାସଙ୍କ ଆଦେଶ କ୍ରମେ ସ୍ଥାନୀୟ ତହସିଲଦାର ଓ ଲିଜଧାରୀଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ବଡ଼ସାହି ପୋଲିସ ୧୧୪/୨୨ ଓ ୧୧୫/୨୨ରେ ପୃଥକ ମାମଲା ରୁଜୁ କରି ଲିଜଧାରୀ ପ୍ରଦୀପ ବିନ୍ଧାଣୀଙ୍କୁ କୋର୍ଟଚାଲାଣ କରିଛି। ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ମମତାଜ ମହାରଣାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ସୁପାରିଶ କରାଯାଇଛି। ଅନ୍ୟପକ୍ଷରେ ଉଭୟ ବାଲି ସଇରାତରେ ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୪୪ ଧାରା ଜାରି କରାଯାଇଛି। ସୂଚନା ଅନୁଯାୟୀ, ଆରପଟା ବାଲି ସଇରାତରେ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ରାଧାମୋହନ ସିଂଙ୍କ ଅଭିଯୋଗକ୍ରମେ ଏନ୍‌ଜିଟି ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ପକ୍ଷରୁ ୩୦/୨୨ ଓ ୩୧/୨୨ ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଥିଲା । ଏହାର ଶୁଣାଣି କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥଳେକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତା ଲିଜଧାରୀଙ୍କୁ ପରିବେଶ କ୍ଷତି ଓ ରାଜସ୍ୱ ଲୁଟ୍ କ୍ଷତିପୂରଣ ବାବଦରେ ୧୭କୋଟି ୩ଲକ୍ଷ ୧୬ହଜାର ୨୭୨ଟଙ୍କାର ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ତହସିଲଦାର ଓ ଲିଜଧାରୀଙ୍କ ନାମରେ ଆଇପିସି, ସିଆରପିସି ଓ ପବ୍ଲିକ ଅର୍ଥ ହେରଫେର ଆକ୍ଟ ୨୦୦୨କୁ ନେଇ ମାମଲା ରୁଜୁ କରିବାକୁ ମୟୂରଭଞ୍ଜ ଜିଲାପାଳଙ୍କୁ ଆଦେଶ ଦେବା ସହ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ. ୩୯୮୬/୩୦ ଏପ୍ରିଲରେ ବଡ଼ସାହି ଥାନାଧିକାରୀଙ୍କୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସହକାରୀ ଜିଲାପାଳ ଗୀତା ମୁର୍ମୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାମଲା ରୁଜୁ ପରେ ତହସିଲଦାର ମହାରଣା ଜିଲା ଛାଡ଼ି ପଳାଇଥିବା ଚର୍ଚ୍ଚା ଚାଲିଛି। ଉପ ଜିଲାପାଳ ଦାସଙ୍କୁ ପଚାରିବାରୁ ତହସିଲଦାର ମହାରଣା ତାଙ୍କୁ କୌଣସି ଛୁଟି ଦରଖାସ୍ତ ଦେଇନାହାନ୍ତି ବୋଲି କହିଛନ୍ତି। ତେବେ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ପାଇଁ କେବଳ ଦୁଇଜଣଙ୍କୁ ଦାୟୀ କରାଯାଇଛି। ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଅଗାମୀ ଦିନରେ ଚୋରା ଚାଲାଣକୁ ରୋକଯାଇପାରିବ ବୋଲି ସାଧାରଣରେ ଆଲୋଚନା ଚାଲିଛି ।

## ପ୍ଲାଣ୍ଟରେ ଓଲଟିଲା ଏକ୍ସାଭେଟର ମେଶିନ

**ଯୋଡ଼ା,୨।୫(ଡି.ଏନ.ଏ.)**



କେନ୍ଦୁଝର ଜିଲା ଯୋଡା ବ୍ଲକ ବାମେବାରୀ ଥାନା ବଡକାଳିମାଟି ପଞ୍ଚାୟତ ଅନ୍ତର୍ଗତ ଦବୁନା ଠାରେ ଥିବା ପୂର୍ବର ଏସଆର ଷ୍ଟିଲ ବର୍ତ୍ତମାନ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କମ୍ପାନୀ ପ୍ଲାଣ୍ଟ ଭିତରେ ଏକ ଏକ୍ସାଭେଟର ମେଶିନ ଓଲଟି ପଡିବାରୁ ସେଥିରେ ଥିବା ମେଶିନ ଅପରେଟର ଅଳ୍ପକେ ବର୍ତ୍ତିଯାଇଛନ୍ତି। କିନ୍ତୁ ଉକ୍ତ ମେଶିନ ପ୍ରାୟ ୫୦ ଫୁଟ ଖାଲକୁ ଖସିପଡ଼ିଛି। ପୂର୍ବରୁ ଏସଆର ଷ୍ଟିଲରେ ଯେଉଁଭଳି ଭାବେ ଦୈନନ୍ଦିନ ଦୁର୍ଘଟଣା ଘଟୁଥିଲା ନୂଆ କମ୍ପାନୀ ଭାବେ ମିତ୍ତଲ ଷ୍ଟିଲ ଏସଆରକୁ ଅଧିଗ୍ରହଣ ପରେ ମଧ ସୁରକ୍ଷା ଅବହେଳା କାରଣରୁ ଦୈନନ୍ଦିନ ଦୁର୍ଘଟଣା ଘଟୁଛି କିନ୍ତୁ କମ୍ପାନୀ ପକ୍ଷରୁ ଲୁଚାଇବାକୁ ଉଦ୍ୟମ କରାଯାଉ ଥିବା ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି।

## ସଂକ୍ଷେପରେ

### ଦେଓ ପ୍ରକଳ୍ପ ବିସ୍ଥାପିତଙ୍କ ଧାରଣା

ବାରିପଦା ଅଫିସ,୨।୫-ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକରେ ଥିବା ଦେଓ ନଦୀବନ୍ଧ ପ୍ରକଳ୍ପ ଲାଗି ବିସ୍ଥାପିତ ହୋଇଥିବା ଲୋକଙ୍କୁ କ୍ଷତିପୂରଣ ଅର୍ଥ ନ ମିଳିବା ପ୍ରତିବାଦରେ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିସ୍ଥାପିତଙ୍କୁ ଦିଆଯାଇଥିବା ଜାଗାର ଚିହ୍ନଟ, ଆବାସ ଯୋଜନାରେ ଗୃହ ଯୋଗାଣ, ପାନୀୟ ଜଳ ଯୋଗାଣ,ଗୃହପାଳିତ ପଶୁଙ୍କ ଗୃହ ଏବଂ ବିସ୍ଥାପିତଙ୍କୁ ସ୍କିଲ ଡେଭେଲପମେଣ୍ଟରେ ଥଇଥାନ କରିବା ଦାବିରେ ସେମାନେ ଧାରଣା ଦେଇଥିବା କହିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରି ଉପଜିଲାପାଳ ଦାୟିତ୍ୱରେ ଥିବା ପିଏଆଇଟିଡିଏ ଦେବଦତ୍ତ ମହାନ୍ତ ପହଞ୍ଚି ପ୍ରତି ସପ୍ତାହରେ ବିସ୍ଥାପିତଙ୍କ କଲୋନୀରେ ଶିବିର ଆୟୋଜନ କରାଯିବ । କ୍ୟାମ୍ପ କୋର୍ଟ ବସାଇ ଲୋକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ସହିତ କ୍ଷତିପୂରଣ ରାଶି ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ରାମଚରିତ ମାନସ ପାରାୟଣ

ଭଣ୍ଡାରିପୋଖରୀ,୨।୫: ଭଦ୍ରକ ଜିଲା ମାଳଦା ପଞ୍ଚାୟତର ଜଳହରି ଶାସନଠାରେ ଚାଲିଥିବା ଊନବିଂଶ ତମ ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ଅର୍ଜୁନ ଚରଣ ନାଥ, ପ୍ରାଧାପକ ଗୋପାଳ ପ୍ରସାଦ ବେଜ, ରାମାୟଣ ଗବେଷକ ମାନସ ଦାସ, ପଣ୍ଡିତ ଗଙ୍ଗାଧର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଧରଣୀଧର ଦାସ ଓ ଧନେଶ୍ୱର ଓଝା ଭଜନ ପରିବେଷଣ କରିଥିଲେ।

### ଜମୁଛି ସ୍ୱାମଶାସନ ବାଦୀପାଲା

ପାଟଣା,୨।୫( ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ୱାମଶାସନର ସତ୍ୟନାରାୟଣଙ୍କ ୬୭ ତମ ବାଦିପାଲା ଜୁନ ୧ ତାରିଖରୁ ଆରମ୍ଭ ହୋଇଛି ।ଏହା ୫ତାରିଖ ବ୍ୟାପୀ ଚାଲିବ। ଅଧିବାସ ରଜନୀ ସୁନାମଧନ୍ୟ ଗାୟକ ଲକ୍ଷ୍ମୀଧର ରାଉତ(ଗାୟକ ସମ୍ରାଟ)ଙ୍କ ସହ ବନ ବିହାରୀ ଗ୍ରହାଚାର୍ଯ୍ୟ(ଗାୟକ ବାଚସ୍ପତି)ଙ୍କ ମଧରେ ପାଲା ଅନୁଷ୍ଠିତ ହୋଇଛି। ପାଲା କମିଟିର ସଭାପତି ଅଜିତ ଦାଶ, ସମ୍ପାଦକ ଶିବ ପ୍ରସାଦ ଦାଶ, କୋଷାଧକ୍ଷ କଳ୍ପତରୁ କର, ସୁମିତ କୁମାର ପତି ଓ ଗ୍ରାମର ଯୁବକ ସହଯୋଗ କରିଥିଲେ।

### ଭାଜପାର ନିର୍ବାଚନୀ ସମୀକ୍ଷା ବୈଠକ

ସୋର, ୨।୫(ଡି.ଏନ.ଏ.)-ସୋର ଭାଜପା ପକ୍ଷରୁ ସ୍ଥାନୀୟ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗତ ପଞ୍ଚାୟତ ଓ ମ୍ୟୁନିସିପାଲିଟିର ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ସନ୍ତୋଷ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଛୋଟେଲାଲ ମହନ୍ତ, ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ନବନିର୍ବାଚିତ ମ୍ୟୁନିସିପାଲିଟି ଅଧକ୍ଷ ମାଧବ ଧଡା, ଉପାଧକ୍ଷା ସସ୍ମିତା ଦାସଙ୍କ ସହ ସମସ୍ତ ଦଳୀୟ କାଉନ୍‌ସିଲରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିର୍ବାଚନ ଫଳାଫଳ ସମୀକ୍ଷା ଓ ସାଙ୍ଗଠନିକ ଦକ୍ଷତା ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଜିଲା ପରିଷଦ ଓ ସମର୍ଥିତ ପ୍ରାର୍ଥୀଙ୍କ ଫଳାଫଳ ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ଯୁବନେତା ରାକେଶ ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରା, ପ୍ରାକ୍ତନ ମ୍ୟୁନିସିପାଲିଟି ଅଧକ୍ଷ ନଳିନୀକାନ୍ତ ମହାପାତ୍ର, ଆଶିଷ କୁମାର ଦାସ, ରବୀନ୍ଦ୍ର ଜେନା, କମଳାକାନ୍ତ ଘଡାଇ, ନିରୋଧପ୍ରଭା ପଣ୍ଡା, ରାଜେନ୍ଦ୍ର ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ବିଲରେ ଶାନ୍ତି କମିଟି ବୈଠକ



ବୈଠକରେ ଶାନ୍ତି କମିଟି କର୍ମକର୍ତ୍ତାମାନେ।

**ବଡ଼ବିଲ, ୨।୫(ସ୍ୱ.ପ୍ର.)**

ବଡ଼ବିଲରେ ପବିତ୍ର ଇଦ ପର୍ବ ପାଳନ ନେଇ ସୋମବାର ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ବଡ଼ବିଲ ଥାନାରେ ଅନୁଷ୍ଠିତ ଏହି ଶାନ୍ତି କମିଟି ବୈଠକରେ ମୁସଲିମ ଓ ହିନ୍ଦୁ ସମ୍ପ୍ରଦାୟରୁ ମୋଟ ୧୨ ଜଣ ସଦସ୍ୟ ଯୋଗଦେଇଥିଲେ। ଆସନ୍ତା ୩ ତାରିଖ ଦିନ ଅକ୍ଷୟ ତୃତୀୟା ଏବଂ ଇଦ୍-ଉଲ-ଫିତର ପାଳନ ପାଇଁ ବଡ଼ବିଲ ପୋଲିସ ଉଭୟ ପକ୍ଷଙ୍କୁ ନେଇ ଏହି ବୈଠକ କରିଛି। ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି ଯେ, ଶାନ୍ତି ଶୃଙ୍ଖଳା ରକ୍ଷାପୂର୍ବକ ପର୍ବ ପାଳନ କରିବାକୁ ଉଭୟ ପକ୍ଷ ସହମତି ଦେଇଛନ୍ତି।

## ୮ ନଂ ଜୋନ ବିଜେଡି ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ

**ଢେଙ୍କିକୋଟ, ୨।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ୮ ନଂ ଜୋନ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନ ପତ୍ର ସୋମବାର ୧୦ଟାରେ କେନ୍ଦୁଝର ଉପଜିଲାପାଳଙ୍କ ଠାରେ ଦାଖଲ କରିଛନ୍ତି। ଏହି ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଭାବେ ଅନାଦି ଚରଣ ସିଂହ ଗତ ନିର୍ବାଚନରେ ଟିକେଟ ପାଇବାର କିଛି ଦିନ ପରେ ମୃତ୍ୟୁବରଣ କରିଥିଲେ। ତେଣୁ ଏଠାରେ ଜିଲା ପରିଷଦ ସଭ୍ୟ ନିର୍ବାଚନ ସ୍ଥଗିତ ରହିଥିଲା। ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ ପୁନର୍ବାର ଆସନ୍ତା ୨୭ ତାରିଖକୁ ନିର୍ବାଚନ ବୋଲି ନୋଟିଫିକେସନ ଇସ୍ତାହାର ଜାରି ହେବା ପରେ ୮ ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀ ଭାବେ ନୂତନ କରି ବିଜେଡି ତରଫରୁ ସାନ୍ତରାପୁର ଗ୍ରାମର ଅବସର ପ୍ରାପ୍ତ ଜୱାନ ରଣଜିତ ନାୟକଙ୍କୁ ଟିକେଟ ପ୍ରଦାନ କରାଯାଇଥିଲା। ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଜିଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଘଟଗାଁ ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକଙ୍କ ସମେତ ଶୋଭାଯାତ୍ରାରେ ବାହାରି ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ପ୍ରଦାନ କରିଛନ୍ତି।


ଶ୍ରୀ ଜୟଦେବ ଜୟନ୍ତୀ
୩ ମଇ ୨୦୨୨ (ଅକ୍ଷୟ ତୃତୀୟା)
DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/13/0036/2223


# ୪ମାସ ହେଲା ମିଳିନି ମଜୁରି

## ଶ୍ରମିକ ଦିବସରେ ଶ୍ରମିକ ଓପାସ

**ବାହାନଗା, ୨।୫(ଡି.ଏନ.ଏ.)**

ମେ' ୧ତାରିଖକୁ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଉଛି। ତେବେ ଶ୍ରମିକ ଦିବସରେ କାମ କରି ଶ୍ରମିକମାନେ ଉପବାସରେ ରହିବା ଭଳି ପରିସ୍ଥିତି ଦେଖାଦେଇଛି। ଦୀର୍ଘ ୪ମାସ ହେଲା କୋଠାବାଡି କାମରେ ନିୟୋଜିତ ଶ୍ରମିକମାନେ ମଜୁରି ପାଇ ନ ଥିବାରୁ ଘରକୁ ଯିବା ପାଇଁ ତାଙ୍କ ପାଖରେ ଟଙ୍କାଟିଏ ନାହିଁ। ଏଭଳି ଦୁଃଖ ବଖାଣିଛନ୍ତି ବାହାନଗା ବ୍ଲକ ଷଠୀରେ ନିର୍ମାଣ ହେଉଥିବା ଅଗ୍ନିଶମ ବିଭାଗର ଦୁଇମହଲା କୋଠାରେ ନିୟୋଜିତ ଶ୍ରମିକମାନେ।

ମୁର୍ଶିଦାବାଦ ଜିଲା ଟିକରପାରା ଗ୍ରାମର ଖୈରୋଲଙ୍କ ସାଢେ ୪ମାସର ମଜୁରି ବାକି ଥିବା ବେଳେ ନୋନିଙ୍କ ସାଢେ ୫ ମାସର ମଜୁରି ଓ ରେଖା, ରିଙ୍କୋ, ସୀମା ରପସାଙ୍କ ୫ମାସର ମଜୁରି ଟଙ୍କା ବାକି ରହିଛି। ଠିକାଦାର ଟଙ୍କା ଦେବ ବୋଲି କହି ଦିନ ଗଡାଇ ଚାଲୁଥିଲେ ମଧ ଟଙ୍କା ଦେଉ ନ ଥିବାରୁ ଶ୍ରମିକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଠିକାଦାର ସଂସ୍ଥା ଆମ ଟଙ୍କା ନ ଦେଲେ ଆମେ ଏଠାରେ ଅତ୍ମହତ୍ୟା କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଠିକାଦାର କହିଛନ୍ତି, ସେ ଜଣେ ଶ୍ରମିକ ଠିକାଦାରଙ୍କୁ ସମ୍ପୂର୍ଣ୍ଣ କୋଠା କାମ ସରିବା ପର୍ଯ୍ୟନ୍ତ ଠିକା ଦେଇଛନ୍ତି। ତେବେ ଶ୍ରମିକ ଠିକାଦାର ବା ପେଟି ଠିକାଦାର ୟାମିନ୍ ହୁସେନ କହନ୍ତି ସମସ୍ତ ଶ୍ରମିକଙ୍କ ଅଳ୍ପ କିଛି କିଛି ବାକି ଅଛି । ଟିକେ ଅସୁବିଧା ଥିବାରୁ ସେମାନଙ୍କର ପେମେଣ୍ଟ ସମ୍ପୂର୍ଣ୍ଣ ଦେଇହେଉନାହିଁ ବୋଲି ପ୍ରକାଶ କରିଥିଲେ ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

**ଖଇରା, ୨।୫(ଡି.ଏନ.ଏ.)**

ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ଖଇରା ବ୍ଲକର ମାଖନପୁର ଓ ବାଉଁଶଗଡିଆ ପଞ୍ଚାୟତ ଗସ୍ତ କରି କିଛି ପ୍ରକଳ୍ପ ଉଦ୍‌ଘାଟନ କରିଥିବା ବେଳେ ଆଉ କିଛି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ବାଉଁଶଗଡିଆ ପଞ୍ଚାୟତର ପାନୀୟଜଳ ସମସ୍ୟା ଉତ୍କଟ ହୋଇପଡିଛି। ୭ଦିନ ମଧରେ ଏହାର ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସମୀର ଦେ ଓ କନିଷ୍ଠଯନ୍ତ୍ରୀ ବିକ୍ରମାଦିତ୍ୟ ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି । ମାଖନପୁର ପଞ୍ଚାୟତରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଉଦ୍‌ଘାଟନ କରିବା ସହ କ୍ଷିରିପଦା ଇଦ୍‌ଗାର ନବୀକରଣ କାର୍ଯ୍ୟ ଓ ଦୁର୍ଗାପୁର ରାସ୍ତାର ଉନ୍ନତୀକରଣ ପାଇଁ ନିଜ ପାଣ୍ଠିରୁ ଅନୁଦାନ ପ୍ରଦାନ ସହ ଏହାର ଶିଳାନ୍ୟାସ କରିଛନ୍ତି। ପରେ ରାଧାମୋହନ ଉଚ୍ଚବାଳିକା ବିଦ୍ୟାଳୟକୁ ଗସ୍ତ କରି ଶୈକ୍ଷିକ ପରିବେଶ ଉପରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଫେରିବା ପରେ ଅସମ୍ପୂର୍ଣ୍ଣ ଶ୍ରେଣୀ ଗୃହର ପୂର୍ଣ୍ଣାଙ୍ଗ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରିଥିଲେ। ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସରପଞ୍ଚ ସରୋଜିନୀ ଦାସ, ସମିତିସଭ୍ୟ ରବୀନ୍ଦ୍ର ସେଠୀ, ବିଧାୟକ ପ୍ରତିନିଧି କରୁଣାକର ଜେନା, କ୍ଷିରିପଦା ବସ୍ତି ମୁଖିଆ ଜଙ୍ଗ ଖାଁ ଓ ଶେଖ ମୁଖତାର ପ୍ରମୁଖ ଉପସ୍ଥିତ ଥିଲେ ।

# କାର୍ଯ୍ୟକାରୀ ହେଉନି ଫେରିଘାଟ ମାହାସୁଲ ତାଲିକା

**ଆରଡ଼ି, ୨।୫ (ଡି.ଏନ.ଏ.)**



ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ତିନିତର ଫେରିଘାଟରେ ଲଗାଯାଇଥିବା ସୂଚନାଫଳକକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାରେ ଲେଖାଯାଇଥିବା ମାହାସୁଲ ତାଲିକା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ତେନ୍ତୁଳିଡିହ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଫେରିଘାଟରେ ପ୍ରଥମଥର ପାଇଁ ମାହାସୁଲ ତାଲିକା ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ଲଗାଇଛନ୍ତି। ନଦୀ ପାର ବାବଦରେ ଭଡ଼ା ପାଇଁ ସାଇକେଲ ସହ ଜଣେ ଆରୋହୀଙ୍କ ଲାଗି ୧୦ ଟଙ୍କା, ବାଇକ୍ ସହ ଜଣେ ଆରୋହୀଙ୍କ ନିମନ୍ତେ ୨୦ ଟଙ୍କା ଓ ଜଣେ ଲୋକ ପ୍ରତି ୫ ଟଙ୍କା ଦେବାକୁ ପଡ଼ିବ ବୋଲି ସୂଚନାଫଳକରେ ଦର୍ଶାଯାଇଛି। ସେହିପରି ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫେରିଘାଟ ଖୋଲା ରହିବ ବୋଲି ସୂଚନା ମଧ ଦିଆଯାଇଛି। ନଦୀଘାଟକୁ ପରିଷ୍କାର ରଖିବା ସହ ଆବର୍ଜନା କୁଣ୍ଡ ବ୍ୟବହାର କରିବାକୁ ସରପଞ୍ଚ ଅନୁରୋଧ କରିଛନ୍ତି। କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିବା ସାମାଜିକ ଗଣମାଧ୍ୟମରେ କେତେଜଣ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି। ଘାଟ ପାର ବାବଦରେ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ନିଆଯାଉଛି। ଘାଟ ପାର ହେବା ପାଇଁ ନଦୀ କୂଳର ଉଭୟପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ବସିବାକୁ ପଡୁଛି। ସକାଳ ୭ଟା ପୂର୍ବରୁ ଓ ସନ୍ଧ୍ୟା ୭ ପରେ ଘାଟ ପାର ହେଲେ ଜଣଙ୍କ ପ୍ରତି ୨୦୦ ଟଙ୍କା ଦେବାକୁ ପଡୁଛି ବୋଲି ମଧ କୁହାଯାଉଛି। କୁଣ୍ଡରେ ଆବର୍ଜନା ପକାଇବା କଥା ସୂଚନା ଦିଆଯାଇଥିଲେ ବି ସୂଚନା ଫଳକ ତଳେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଛି।


DSPL-17
ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ ।

କଣ କରିବେ
- ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ ଏବଂ ଛତା, ଚପଲ, କଳାଚଷମା ବ୍ୟବହାର କରନ୍ତୁ ।
- ଘରେ ଟିଣ ବା ଆଜ୍‌ବେଷ୍ଟସ୍ ଛାତ ଥିଲେ ତା ଉପରେ ନଡା ବିଛାନ୍ତୁ କିମ୍ବା ଧଳାରଙ୍ଗ ଲେପନ୍ତୁ ।
- ପ୍ରଚୁର ପରିମାଣରେ ପାଣି, ତୋରାଣି, ପଣା, ଘୋଳଦହି କିମ୍ବା ସରବତ ଆଦି ପିଅନ୍ତୁ ।
- ହାଲିଆ ଲାଗିଲେ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛ ତଳେ ବିଶ୍ରାମ ନିଅନ୍ତୁ ।
- କୌଣସି ବ୍ୟକ୍ତିଙ୍କଠାରେ ଅଂଶୁଘାତର ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ ।
- ଅଂଶୁଘାତ ରୋଗୀକୁ ତୁରନ୍ତ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନକୁ ନେଇ ଚିକିତ୍ସା କରାନ୍ତୁ ।

କଣ କରିବେ ନାହିଁ
- ଦିନ ୧୧ଟାରୁ ୩ ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା କୌଣସି ଶାରୀରିକ ପରିଶ୍ରମ କରନ୍ତୁ ନାହିଁ ।
- ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ଉଚ୍ଚ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହରକୁ ଯାଆନ୍ତୁ ନାହିଁ ।
- ଅଧିକ ଖରା ସମୟରେ ନିଆଁ ପାଖରେ କୌଣସି କାର୍ଯ୍ୟ (ରୋଷେଇ ଆଦି) କରନ୍ତୁ ନାହି ।
- ମାଦକ ଦ୍ରବ୍ୟ (ମଦ, ବିଡି, ସିଗାରେଟ, ତମାଖୁ ଇତ୍ୟାଦି ସେବନ କରନ୍ତୁ ନାହିଁ ।
- ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ କେବେହେଲେ ବରଫ ଘଷନ୍ତୁ ନାହିଁ ।
- ଗ୍ରୀଷ୍ମ ପ୍ରବାହ ସମୟରେ ହଠାତ୍ ଅସୁସ୍ଥ ଅନୁଭବ କଲେ, ଚିକିତ୍ସାରେ ଆଦୌ ଅବହେଳା କରନ୍ତୁ ନାହିଁ ।

ସରକାରୀ ଡାକ୍ତରଖାନାମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ ।
ଅଧିକା ସୂଚନା ପାଇଁ ନିକଟସ୍ଥ ଆଶା, ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।
facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0005/2223

